ଏସ୍. ଏସ୍. ଆଲୁୱାଲିଆ

ବନାମ

ଭାରତ ସଂଘ ସରକାର ଏବଂ ଅନ୍ୟମାନେ

ମାର୍ଚ୍ଚ 16, 2001

[ଏସ୍. ରାଜେନ୍ଦ୍ର ବାବୁ ଏବଂ ଏସ୍.ଏନ୍. ଫୁକନ୍, ନ୍ୟାୟମୂର୍ତ୍ତିଦ୍ୱୟ]

*ଭାରତର ସମ୍ବିଧାନ, 1950 : ଅନୁଚ୍ଛେଦ 21 ଏବଂ 32 ।*

*କ୍ଷତିପୂରଣ - ଦଙ୍ଗା ପୀଡ଼ିତମାନେ - ତତ୍କାଳୀନ ପ୍ରଧାନମନ୍ତ୍ରୀଙ୍କ ହତ୍ୟା ପରେ ଦିଲ୍ଲୀ ଏବଂ ଦେଶର ଅନ୍ୟାନ୍ୟ ଭାଗରେ ଶିଖ ମାନଙ୍କୁ ହତ୍ୟା କରାଯାଇଥିଲା - ହତ୍ୟା ପରେ ଦଙ୍ଗାରେ ପ୍ରାଣ ହରାଇଥିବା ଲୋକଙ୍କ ଆଶ୍ରିତ ବ୍ୟକ୍ତିମାନଙ୍କୁ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ କ୍ଷତିପୂରଣ ପ୍ରଦାନ କରିଥିଲେ - ଉକ୍ତ ଉଚ୍ଚ ନ୍ୟାୟାଳୟଙ୍କ ରାୟର ଲାଭ ସମଗ୍ର ଦେଶକୁ ବିସ୍ତାର କରିବାକୁ ସର୍ବୋଚ୍ଚ ନ୍ୟାୟାଳୟରେ ଲିଖିତ ଆବେଦନ ଦାୟର ହୋଇଥିଲା - ନିର୍ଣ୍ଣିତ : ମାମଲାର ପରିସ୍ଥିତିକୁ ଦୃଷ୍ଟିରେ ରଖି, ଉଚ୍ଚ ନ୍ୟାୟାଳୟର ନିର୍ଣ୍ଣୟକୁ ବିସ୍ତୃତ ଯାଞ୍ଚ ବିନା ସମସ୍ତ ରାଜ୍ୟକୁ ବିସ୍ତାର କରିବା ଅତ୍ୟନ୍ତ କଷ୍ଟକର - ସମ୍ପୃକ୍ତ ରାଜ୍ୟଗୁଡ଼ିକର ଉଚ୍ଚ ନ୍ୟାୟାଳୟମାନେ ଏହି ମାମଲାର ସମାଧାନ କରିବେ - ତେଣୁ, ରିଟ୍ ଆବେଦନକୁ ସମ୍ପୃକ୍ତ ରାଜ୍ୟର ଉଚ୍ଚ ନ୍ୟାୟାଳୟମାନଙ୍କୁ ସ୍ଥାନାନ୍ତର କରାଯାଇଛି ।*

ତତ୍କାଳୀନ ପ୍ରଧାନମନ୍ତ୍ରୀଙ୍କ ହତ୍ୟା ପରେ ଦିଲ୍ଲୀ ଏବଂ ଦେଶର ଅନ୍ୟାନ୍ୟ ଭାଗରେ ଅନେକ ଶିଖଙ୍କୁ ହତ୍ୟା କରାଯାଇଥିଲା । ହତ୍ୟା ପରେ ଦଙ୍ଗାରେ ପ୍ରାଣ ହରାଇଥିବା ଲୋକଙ୍କ ଉପରେ ନିର୍ଭର କରୁଥିବା ବ୍ୟକ୍ତିମାନଙ୍କୁ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ କ୍ଷତିପୂରଣ ପ୍ରଦାନ କରିଥିଲେ । ବର୍ତ୍ତମାନର ରିଟ୍ ଆବେଦନ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟଙ୍କ ରାୟର ଲାଭ ସମଗ୍ର ଦେଶକୁ ବିସ୍ତାର କରିବାକୁ ଚାହୁଁଛି ।

ଆବେଦନର ସମାଧାନ କରି ନ୍ୟାୟାଳୟ

ନିର୍ଣ୍ଣୟ କଲେ : **1.** ମାମଲାର ପରିସ୍ଥିତିକୁ ଦୃଷ୍ଟିରେ ରଖି, ପ୍ରତ୍ୟେକ ମାମଲାରେ ଉପୁଜିଥିବା ପରିସ୍ଥିତିର ବିସ୍ତୃତ ଯାଞ୍ଚ ନକରି ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ନିର୍ଣ୍ଣୟକୁ ସମସ୍ତ ରାଜ୍ୟକୁ ବିସ୍ତାର କରିବା ଏହି ନ୍ୟାୟାଳୟ ପାଇଁ ଅତ୍ୟନ୍ତ କଷ୍ଟକର । ଏହି ନ୍ୟାୟାଳୟ ଦ୍ୱାରା ଏପରି ଯାଞ୍ଚ କରାଯାଇପାରିବ ନାହିଁ । ତେଣୁ, ଏହି ରିଟ୍ ଆବେଦନରେ ରାଜ୍ୟ ନିଜ କ୍ଷେତ୍ରାଧିକାରରେ ପଡୁଥିବା ଅଭିଯୋଗ ସମ୍ପର୍କରେ ଉଚ୍ଚ ନ୍ୟାୟାଳୟ ମାନଙ୍କୁ ନିର୍ଦ୍ଦେଶ ଦେବା ଉଚିତ ହେବ ଏବଂ ଏହି ରିଟ୍ ଆବେଦନକୁ ସେହି ଉଚ୍ଚ ନ୍ୟାୟାଳୟରେ ଦାୟର ହୋଇଥିବା ଏକ ଆବେଦନ ଭାବରେ ବିଚାର କରାଯିବ । ତେଣୁ, ଏହି କାର୍ଯ୍ୟାନୁଷ୍ଠାନଗୁଡ଼ିକ ସମ୍ପୃକ୍ତ ଉଚ୍ଚ ନ୍ୟାୟାଳୟଗୁଡ଼ିକୁ ସ୍ଥାନାନ୍ତରିତ ହେବ ।

ଏସ୍. ଏସ୍. ଆଲୁୱାଲିଆ ବନାମ ଭାରତ ସଂଘ ସରକାର [ନ୍ୟାୟମୂର୍ତ୍ତି ରାଜେନ୍ଦ୍ର ବାବୁ]

*ଭଜନ କୌର ବନାମ ଦିଲ୍ଲୀ ପ୍ରଶାସନ*, **ସି.ଡବ୍ଲ୍ୟୁ.ପି. ନଂ. 1429/1996, 5-7-1996 ତାରିଖରେ ନିଷ୍ପତ୍ତି ନିଆଯାଇଥିଲା, ଉଲ୍ଲେଖ କରାଯାଇଛି ।**

ଦେୱାନୀ ମୂଳ ଅଧିକାରିତା : ଆଜ୍ଞାଦେଶ ଆବେଦନ (ଦେୱାନୀ) ସଂଖ୍ୟା 232/1997 ।

ଭାରତର ସମ୍ବିଧାନର ଅନୁଚ୍ଛେଦ 32 ଅନୁଯାୟୀ ।

ଉପସ୍ଥିତ ପକ୍ଷମାନଙ୍କ ପାଇଁ ଅତିରିକ୍ତ ସଲିସିଟର ଜେନେରାଲ, ମୁକୁଲ ରୋହତଗୀ, ବିଜୟ ପଞ୍ଜୱାନୀ, ୱାଇ.ପି. ମହାଜନ, ହେମନ୍ତ ଶର୍ମା, ପି. ପରମେଶ୍ୱରନ, କୈଳାଶ ଭାସଦେବ, ଏସ୍. ବର୍ମା, ଶ୍ରୀମତୀ ଏଚ୍. ୱାହି, ସୁଶ୍ରୀ ଅନୁ ସାହନୀ, ସୁଶ୍ରୀ ମଧୁର ଦଦଲାନୀ, ଏସ୍.କେ. ଅଗ୍ନିହୋତ୍ରୀ, ସୁଶ୍ରୀ ବିନୁ ଟମଟା, ଡି.ଏସ୍. ମେହେରା, ରାଜୀବ ମେହେଟ୍ଟା, ସୁଶ୍ରୀ ଅମିତା ଭି. ଦୁଗ୍ଗଲ, ଟି. ଶ୍ରୀଧରନ, ଏସ୍.ଏସ୍. ସିନ୍ଦେ, ଏସ୍.ଭି. ଦେଶପାଣ୍ଡେ, ଆର୍.ସି. ବର୍ମା, ସି. ସିଦ୍ଧାର୍ଥ, ବ୍ରିଜେନ୍ଦର ଚାହର୍, ଅଶୋକ ମାଥୁର, ସୁଶ୍ରୀ ଏ. ସୁଭାଶିନୀ, ଏଚ୍.ଏସ୍. ପରିହାର, କେ.ଏସ୍. ପରିହାର, ଅନୀଲ ଶ୍ରୀବାସ୍ତବ, ବି.ବି. ସିଂହ, କେ.ଆର୍. ନାଗରାଜା, କେ.ଏସ୍. ଭାଟି, ଆର୍.ଏସ୍. ଜେନା, ଜେ.ଏସ୍. ଅତ୍ରି, ଆର୍.ଏସ୍. ସୋଧି, ଆଶୋଲ୍ କେ. ଶ୍ରୀବାସ୍ତବ, ରାଜୀବ ମେହେଟ୍ଟା, ପ୍ରେମ ନାଥ ମାଲହୋତ୍ରା, କେ.ଏଚ୍. ନୋବିନ୍ ସିଂହ, ସୁଶ୍ରୀ ମାଲିନୀ ପୋଡୁଭାଲ ଏବଂ ଡି.ଏମ୍. ନାରଗୋଲକର ।

ନ୍ୟାୟାଳୟଙ୍କର ରାୟ ପ୍ରଦାନ କରାଗଲା

**ନ୍ୟାୟମୂର୍ତ୍ତି ରାଜେନ୍ଦ୍ର ବାବୁ ।** 1984 ମସିହା ଅକ୍ଟୋବର 31 ତାରିଖରେ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ପରେ ଦିଲ୍ଲୀ ଏବଂ ଦେଶର ଅନ୍ୟାନ୍ୟ ଭାଗରେ 1984 ମସିହା ଅକ୍ଟୋବର 31 ତାରିଖ ଠାରୁ 1984 ମସିହା ନଭେମ୍ବର ମାସ ମଧ୍ୟରେ ଅନେକ ଶିଖଙ୍କୁ ହତ୍ୟା କରାଯାଇଥିଲା, ଯେଉଁଥିରେ ଅଗ୍ନିକାଣ୍ଡ, ଲୁଟପାଟ ଏବଂ ହତ୍ୟା ସାମିଲ ଥିଲା । ଏହି ନ୍ୟାୟାଳୟର ନ୍ୟାୟମୂର୍ତ୍ତି ଆର୍.ଏନ୍. ମିଶ୍ରଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଥିଲା, ଯାହା ଏକ ତଦନ୍ତ କରିଥିଲା ଏବଂ ରିପୋର୍ଟ ଦେଇଥିଲା ଯେ ସେହି ଦଙ୍ଗାରେ ଦିଲ୍ଲୀରେ 3874, କାନପୁରରେ 127 ଏବଂ ବୋକାରୋରେ 69 ଜଣ ଶିଖ୍ ନିହତ ହୋଇଥିଲେ । ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ହତ୍ୟା ପରେ ଦଙ୍ଗାରେ ପ୍ରାଣ ହରାଇଥିବା ଲୋକଙ୍କ ଉପରେ ନିର୍ଭର କରୁଥିବା ବ୍ୟକ୍ତିମାନଙ୍କୁ କ୍ଷତିପୂରଣ ଦେବା ପାଇଁ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟରେ *ଭଜନ କୌର ବନାମ ଦିଲ୍ଲୀ ପ୍ରଶାସନ* ଶୀର୍ଷକ ଦେୱାନୀ ରିଟ୍ ଆବେଦନ ସଂଖ୍ୟା 1429/1996 ଦାୟର କରାଯାଇଥିଲା, କାରଣ ରାଜ୍ୟ ଭାବେ ନାଗରିକମାନଙ୍କ ଜୀବନ ରକ୍ଷା କରିବା ଏକ କର୍ତ୍ତବ୍ୟ ଥିଲା ଏବଂ ରାଜ୍ୟ ଏହାର କ୍ଷତିପୂରଣ ଦେବା ଉଚିତ । ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ 5 ଜୁଲାଇ,1996ରେ ଦେଇଥିବା ଆଦେଶରେ କହିଥିଲେ ଯେ ସମ୍ବିଧାନର ଅନୁଚ୍ଛେଦ 21ର ସମ୍ପ୍ରସାରିତ ଅର୍ଥ ଅନୁସାରେ, ରାଜ୍ୟର କର୍ତ୍ତବ୍ୟ ହେଉଛି ଏପରି ଏକ ପରିବେଶ ସୃଷ୍ଟି କରିବା,

ଯେଉଁଥିରେ ବିଭିନ୍ନ ଧର୍ମ, ଜାତି ଏବଂ ସମ୍ପ୍ରଦାୟର ସମାଜର ସଦସ୍ୟମାନେ ଏକାଠି ରହିବେ ଏବଂ ସେହି କାରଣରୁ, ଜଣେ ବ୍ୟକ୍ତିର ଜୀବନ, ସ୍ୱାଧୀନତା, ମର୍ଯ୍ୟାଦା ଏବଂ ମୂଲ୍ୟର ସୁରକ୍ଷା କରିବା ରାଜ୍ୟର କର୍ତ୍ତବ୍ୟ, ଯାହାକୁ ବିପଦରେ ପକାଇବା କିମ୍ବା ସଂକଟାପନ୍ନ କରିବା ଅନୁଚିତ I ଯଦି କୌଣସି ପରିସ୍ଥିତିରେ ରାଜ୍ୟ ଏହା କରିବାକୁ ସକ୍ଷମ ହୁଏ ନାହିଁ, ତେବେ ଦଙ୍ଗା ସମୟରେ ନିହତ ବ୍ୟକ୍ତିଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାର ଦାୟିତ୍ୱରୁ ରକ୍ଷା ପାଇପାରେ ନାହିଁ, କାରଣ ସମ୍ବିଧାନର ଅନୁଚ୍ଛେଦ 21 ର ସ୍ପଷ୍ଟ ଉଲ୍ଲଙ୍ଘନରେ ତାଙ୍କ ଜୀବନଦୀପ ଲିଭି ଯାଇଛି I ତେଣୁ ଉଚ୍ଚ ନ୍ୟାୟାଳୟ 2 ଲକ୍ଷ ଟଙ୍କା ସହିତ ସୁଧ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ଏବଂ ଏକ ସାଧାରଣ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ ଯେ ଏହି ନିର୍ଦ୍ଦେଶ ସମାନ ମାମଲାରେ ମଧ୍ୟ ଲାଗୁ ହେବା ଉଚିତ I ଏହା ପରେ, ଭଜନ କୌର ବନାମ ଦିଲ୍ଲୀ ପ୍ରଶାସନ (ଉପରୋକ୍ତ) ମାମଲାର ରାୟର ଲାଭ ସମଗ୍ର ଦେଶକୁ ବିସ୍ତାର କରିବା ଏବଂ ଅନ୍ୟାନ୍ୟ କିଛି ଆଶ୍ୱସ୍ତି ପାଇଁ ଏହି ରିଟ୍ ଆବେଦନ ଦାୟର କରାଯାଇଛି I ପ୍ରତ୍ୟେକ ରାଜ୍ୟରେ ନିହତ ବ୍ୟକ୍ତିଙ୍କ ସଂଖ୍ୟା ଆମ ଦୃଷ୍ଟିକୁ ଅଣାଯାଇଛି ଯାହା ନିମ୍ନରେ ଦିଆଗଲା:

| ନିହତଙ୍କ ସଂଖ୍ୟା | ରାଜ୍ୟ |
|---|---|
| 3874 | ଦିଲ୍ଲୀ |
| 1 | ରାଜସ୍ଥାନ |
| 3 | ଓଡ଼ିଶା |
| 106 | ହରିୟାଣା |
| 2 | ହିମାଚଳପ୍ରଦେଶ |
| 120 | ବିହାର |
| 98 | ଏମ୍. ପି. |
| 260 | ଉତ୍ତରପ୍ରଦେଶ |
| 9 | ମହାରାଷ୍ଟ୍ର |
| 4473 | |

ନିହତମାନଙ୍କ ଉପରେ ନିର୍ଭରଶୀଳମାନଙ୍କ ମଧ୍ୟରୁ କେତେକଙ୍କୁ କିଛି ପରିମାଣର ଅର୍ଥ ପ୍ରଦାନ କରାଯାଇଛି I

ଏହି ରିଟ୍ ଆବେଦନର ପାରା 13.3 ରେ କିଛି ତଥ୍ୟ ସ୍ଥିର କରି କେତେକ ଦାବି ରଖାଯାଇଛି, ଯାହାକୁ ଯାଞ୍ଚ କରାଯିବା ଆବଶ୍ୟକ I ଏହି ଆବେଦନ ଦାୟର ହେବା ପରେ ବିଭିନ୍ନ ରାଜ୍ୟର ସରକାରଙ୍କୁ ନୋଟିସ୍ ଜାରି କରାଯାଇଥିଲା ଏବଂ ସେମାନେ ସେହି ପ୍ରତ୍ୟେକ ମାମଲାରେ ଜବାବ ଦାଖଲ କରିଛନ୍ତି ଯେଉଁଥିରେ ମୃତ୍ୟୁ କିମ୍ବା ଅନ୍ୟ ପ୍ରକାରର ହିଂସା ଘଟିଥିବା ମାମଲାରେ ସେମାନଙ୍କ ଦ୍ୱାରା ନିଆଯାଇଥିବା

ପଦକ୍ଷେପ ବିଷୟରେ ଉଲ୍ଲେଖ କରାଯାଇଛି । କିନ୍ତୁ ମାମଲାର ପରିସ୍ଥିତିକୁ ଦୃଷ୍ଟିରେ ରଖି, ପ୍ରତ୍ୟେକ ମାମଲାରେ ଉପୁଜିଥିବା ପରିସ୍ଥିତିର ବିସ୍ତୃତ ଯାଞ୍ଚ ନକରି *ଭଜନ କୌର ବନାମ ଦିଲ୍ଲୀ ପ୍ରଶାସନ* (ଉପରୋକ୍ତ) ମାମଲାରେ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟର ନିର୍ଣ୍ଣୟକୁ ସମସ୍ତ ରାଜ୍ୟକୁ ବିସ୍ତାର କରିବା ଆମ ପାଇଁ ଅତ୍ୟନ୍ତ କଷ୍ଟକର । ଏଭଳି ପରୀକ୍ଷା ଆମ ଦ୍ୱାରା କରାଯାଇପାରିବ ନାହିଁ । ତେଣୁ, ଆମେ ଦିଲ୍ଲୀ, ରାଜସ୍ଥାନ, ଓଡ଼ିଶା, ହରିୟାଣା, ହିମାଚଳ ପ୍ରଦେଶ, ବିହାର, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ମହାରାଷ୍ଟ୍ର ଏବଂ ଗୋଆ ରାଜ୍ୟର ଦିଲ୍ଲୀ, ରାଜସ୍ଥାନ, ଓଡ଼ିଶା, ପଞ୍ଜାବ ଏବଂ ହରିୟାଣା, ହିମାଚଳ ପ୍ରଦେଶ, ପାଟନା, ମଧ୍ୟପ୍ରଦେଶ, ଆଲ୍ଲାହାବାଦ ଏବଂ ବମ୍ବେ ଉଚ୍ଚ ନ୍ୟାୟାଳୟଗୁଡ଼ିକୁ ନିର୍ଦ୍ଦେଶ ଦେବା ଉଚିତ ହେବ ଯେ ସେମାନେ ଏହି ରିଟ୍ ଆବେଦନକୁ ସେହି ହାଇକୋର୍ଟରେ ଦାଖଲ ହୋଇଥିବା ଆବେଦନ ଭାବରେ ବିଚାର କରି ଏହାର କ୍ଷେତ୍ରାଧିକାରରେ ଆସୁଥିବା ରାଜ୍ୟ ସମ୍ପର୍କରେ ଏଠାରେ ଦିଆଯାଇଥିବା ଅଭିଯୋଗଗୁଡ଼ିକର ସମାଧାନ କରିବେ । ତେଣୁ ଏହି କାର୍ଯ୍ୟାନୁଷ୍ଠାନଗୁଡ଼ିକ ସମ୍ପୃକ୍ତ ଉଚ୍ଚ ନ୍ୟାୟାଳୟଗୁଡ଼ିକୁ ସ୍ଥାନାନ୍ତରିତ ହେବ । ସଂଲଗ୍ନକ ଏବଂ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ଜବାବ ସହିତ ଆବେଦନର ଏକ ନକଲ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଉଚ୍ଚ ନ୍ୟାୟାଳୟକୁ ପଠାଯିବ ।

ସେହି ଅନୁଯାୟୀ ରିଟ୍ ଆବେଦନର ଫଇସଲା ହୋଇଛି ।

ଭି.ଏସ୍.ଏସ୍. ଆବେଦନ ଫଇସଲା ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***
ସୁବୋଧ ରାଉତ,
ଉପବିଭାଗ ଅଧିକାରୀ (ଅନୁବାଦ),
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।